# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21st April - 2025**

**********************************

## ମୁଖ୍ୟ ସମ୍ବାଦ

- ଭାରତ ସୁଶାସନ ଓ ନବସୃଜନ କ୍ଷେତ୍ରରେ ନୂତନ ପରିଚୟ ସୃଷ୍ଟି କରୁଛି; ସିଭିଲ୍ ସେବା ଦିବସ ଅବସରରେ କହିଲେ ପ୍ରଧାନମନ୍ତ୍ରୀ ।

— ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ କୋରାପୁଟ ଜିଲ୍ଲା ପୁରସ୍କୃତ ।

- ସମ୍ବଲପୁରରେ ଜନ ଅଭିଯୋଗ ଶୁଣାଣି କଲେ ମୁଖ୍ୟମନ୍ତ୍ରୀ; କହିଲେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ ଶୁଣାଣି ।

- ଅକ୍ଷୟ ତୃତୀୟା ଅବସରରେ ରାଜ୍ୟର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ପ୍ରଦାନ କରାଯିବ ସି.ଏମ୍. କିଷାନ ସହାୟତା ରାଶି ।

ଏବଂ

- କଳିଙ୍ଗ ସୁପର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଗୋଆ ଏଫ୍.ସି. ବିଜୟୀ ।

*Desk*

# ପ୍ରଧାନମନ୍ତ୍ରୀ - ସିଭିଲ୍ ସର୍ଭିସ୍ ଡେ

ଭାରତ ସୁଶାସନ ଓ ନବସୃଜନ କ୍ଷେତ୍ରରେ ନୂତନ ପରିଚୟ ସୃଷ୍ଟି କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଜି ସପ୍ତଦଶ ସିଭିଲ୍ ସେବା ଦିବସ ଅବସରରେ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଦେଶରେ ସାମଗ୍ରିକ ବିକାଶ ସୁନିଶ୍ଚିତ କରିଥିବାରୁ ଗତ ୧୦ ବର୍ଷ ମଧ୍ୟରେ ଭାରତରେ ପ୍ରଭାବଶାଳୀ ପରିବର୍ତ୍ତନ ଦେଖାଦେଇଛି । ଦେଶର ଯୁବବର୍ଗ, କୃଷକ ଓ ମହିଳାମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ।

***Voice :...........***

ପ୍ରଧାନମନ୍ତ୍ରୀ କହିଛନ୍ତି, ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା, ସାମାଜିକ ବିକାଶ ଏବଂ ମୌଳିକ ଭିତ୍ତିଭୂମିର ବିକାଶ କରାଯାଇଛି । ସରକାରଙ୍କ ନୀତି ଓ ନିଷ୍ପତ୍ତି ଆଗାମୀ ୧ ହଜାର ବର୍ଷପାଇଁ ଏକ ସୁଦୃଢ଼ ଭବିଷ୍ୟତ ଗଠନ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଲୋକ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନପାଇଁ ‘ପ୍ରଧାନମନ୍ତ୍ରୀ ପୁରସ୍କାର’ ପ୍ରଦାନ କରାଯାଇଛି । ଜିଲ୍ଲାଗୁଡ଼ିକର ସାମଗ୍ରିକ ବକାଶ, ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ନବସୃଜନପାଇଁ ପୁରସ୍କୃତ କରାଯାଇଛି । ଏଥିରେ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ କୋରାପୁଟ ଜିଲ୍ଲାକୁ ପୁରସ୍କୃତ କରାଯାଇଛି ।

***BBSR/R, Sambalpur/R***

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଜନ ଅଭିଯୋଗଗୁଡ଼ିକର ଶୁଣାଣି କରିଛନ୍ତି । ଶିବିରରେ ମୋଟ୍ ୧ ହଜାର ୪୦୦ ଅଭିଯୋଗର ଶୁଣାଣି କରାଯାଇ ସିଙ୍ଗ୍‌ଲ୍ ଓ୍ୱିଣ୍ଡୋ ସାହାଯ୍ୟରେ ତୁରନ୍ତ ସହାୟତା ପ୍ରଦାନ କରାଯାଇଥିଲା । ଏହି ବ୍ୟବସ୍ଥା ମାଧ୍ୟମରେ ୧୮ ଜଣଙ୍କୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ଜନଶୁଣାଣି କରାଯିବ । କ୍ଷେତ୍ରିୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଅଧିକାରୀମାନନେ ଲୋକଙ୍କ ସମସ୍ୟାର ସମାଧାନପାଇଁ ତତ୍ପର ହେବେ । ସମସ୍ତ ଅଭିଯୋଗର ତୁରନ୍ତ ସମାଧାନପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ପୂର୍ବରୁ ହୋଇଥିବା ଜନ ଶୁଣାଣି ଶିବିରରେ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice*** :.........

ବିଭିନ୍ନ ବିଭାଗର ୧୧ ଜଣ ମନ୍ତ୍ରୀ ଏହି ଶିବିରରେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ ।

*Desk, Bhadrak, Nayagarh, /R*

# ଅଭିଯୋଗ ଶୁଣାଣି - ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବାସୁଦେବପୁରଠାରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୬ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି ।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ୧୫ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ ।

*Desk*

# ପୋପ୍ ଫ୍ରାନ୍‌ସିସ୍ - ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋମାନ କ୍ୟାଥୋଲିକ୍ ଚର୍ଚ୍ଚର ୨୬୬ତମ ପୋପ୍- ପୋପ୍ ଫ୍ରାନ୍ସିସଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଗରିବ ଅସହାୟଙ୍କ ସେବା, ଦୟାଭାବ ଏବଂ ଧାର୍ମିକ ସାହସିକତାପାଇଁ ପୋପ୍ ଫ୍ରାନ୍‌ସିସ୍ ସର୍ବଦା ସ୍ମରଣୀୟ ହୋଇ ରହିବେ । ସୂଚନା ଅନୁସାରେ ଆଜି ୮୮ ବର୍ଷ ବୟସରେ ପୋପ୍ ଫ୍ରାନ୍‌ସିସ୍‌ଙ୍କ ପରଲୋକ ହୋଇଛି ।

*Desk*

# ସି.ଏମ୍. କିଷାନ୍

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୦୨୫-୨୬ ଖରିଫ୍ ଋତୁ ପାଇଁ ସି.ଏମ୍. କିଷାନ୍ ସହାୟତା ରାଶି ପ୍ରଦାନ କରାଯିବ । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର - ଡି.ବି.ଟି. ମାଧ୍ୟମରେ ୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ଚାଷୀଙ୍କ ବ୍ୟାଙ୍କ୍ ଖାତାରେ ଜମା ହେବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

*Dhenkanal/R*

# ଆଇ.ଆଇ.ଏମ୍.ସି.

ଭାରତୀୟ ଜନସଞ୍ଚାର ସଂସ୍ଥାନ - ଆଇ.ଆଇ.ଏମ୍.ସି.ର କୁଳପତି ଡକ୍ଟର ଅନୁପମା ଭଟ୍ଟନାଗର ଏବଂ କୁଳସଚିବ ଡକ୍ଟର ନିମିଶ ରସ୍ତୋଗୀ ଆଜି ଆଇ.ଆଇ.ଏମ୍.ସି. ଢେଙ୍କାନାଳ କ୍ୟାମ୍ପସ୍ ପରିଦର୍ଶନ କରିଛନ୍ତି । ଏହି ସମୟରେ କୁଳପତି ଶ୍ରୀମତୀ ଭଟ୍ଟନାଗର କ୍ୟାମ୍ପସ୍‌ରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକର ଅନୁଧ୍ୟାନ କରିବା ସହ ଛାତ୍ରମାନଙ୍କପାଇଁ ଉଦ୍ଦିଷ୍ଟ ଛାତ୍ରାବାସ 'ବ୍ରହ୍ମପୁତ୍ର'କୁ ଉଦ୍‌ଘାଟନ କରିଥିଲେ ।

*Nabarangpur/R*

## ସଂସଦ ସଙ୍କୁଳ ବିକାଶ ପରିଯୋଜନା

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍‌ରେ କେନ୍ଦ୍ର ସରକାରଙ୍କଦ୍ୱାରା ଆରମ୍ଭ ହୋଇଥିବା ସଂସଦ ସଙ୍କୁଳ ବିକାଶ ପରିଯୋଜନା ମାଧ୍ୟମରେ ୨୫ଟି ରାଜସ୍ୱ ଗ୍ରାମକୁ ଦାଦନମୁକ୍ତ କରିବାପାଇଁ ପ୍ରୟାସ ଆରମ୍ଭ ହୋଇଛି । ସାଂସଦ ବଳଭଦ୍ର ମାଝୀ ଚଲାପଦର ପଞ୍ଚାୟତର ୭ଟି ଗ୍ରାମକୁ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଝରିଗାଁ ବ୍ଲକ୍‌ରେ ଜବ୍‌କାର୍ଡ଼ଧାରୀ ଶ୍ରମିକ ବର୍ଷକୁ ୩୦୦ ଦିନର କାମ ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି, ସେନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ମନରେଗା ଯୋଜନାରେ ବିଭିନ୍ନ କାର୍ଯ୍ୟପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି କରାଯାଇଛି ।

*Desk*

## ପରଲୋକ

ଭାରତୀୟ ସୂଚନା ସେବାର ଅବସରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ମିଶ୍ରଙ୍କ ଆଜି ଭୁବନେଶ୍ୱରରେ ତାଙ୍କ ବାସଭବନରେ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ସ୍ୱର୍ଗତ ମିଶ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଡି.ଏ.ଭି.ପି., ଦୂରଦର୍ଶନ ଏବଂ କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟରେ ବିଭିନ୍ନ ପଦବୀରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ପ୍ରତିରକ୍ଷା ମନ୍ତ୍ରଣାଳୟର

ସୈନିକ ସମାଚାରରୁ ନିଜ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଶ୍ରୀ ମିଶ୍ର ୨୦୧୨ ମସିହାରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରୁ ଅବସର ଗ୍ରହଣ କରିଥିଲେ ।

***Puri/R***

# ପଇତା ଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ବୈଶାଖ କୃଷ୍ଣ ଅଷ୍ଟମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ସେହିପରି ଆସନ୍ତାକାଲି ମହାପ୍ରଭୁଙ୍କର ରାମାଭିଷେକ ନୀତି କରାଯିବା ସହ ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହିସବୁ ବିଶେଷ ନୀତି ସମ୍ପାଦନକୁ ଦୃଷ୍ଟିରେ ରଖି ଆଜିଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ୪ ଦିନ ପାଇଁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

*Nayagarh/R*

# ଅଧିକାର ମିତ୍ର - ତାଲିମ ଶିବିର

ନୟାଗଡ଼ ଜିଲ୍ଲା କୋର୍ଟ ପରିସର ସମ୍ମିଳନୀ କକ୍ଷରେ ନୂତନ ଭାବେ ନିଯୁକ୍ତ ହୋଇଥିବା ଅଧିକାର ମିତ୍ରମାନଙ୍କୁ ନେଇ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା, ଅତିରିକ୍ତ ଜିଲ୍ଲା ଜଜ୍ ମାନସ କୁମାର ପଣ୍ଡା, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ଯୋଗଦେଇ ଅଧିକାର ମିତ୍ରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ବଞ୍ଚିତ ସମ୍ପ୍ରଦାୟର ଜନସାଧାରଣଙ୍କ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

***Desk***

# ପାଣିପାଗ

ରାଜ୍ୟରେ ଗତ କିଛି ଦିନ ଧରି କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ତାପମାତ୍ରା ହ୍ରାସ ପାଇଥିଲା । ତେବେ ଆଜି ୧୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍

ରହିଥିବାବେଳେ ସମ୍ବଲପୁର, ସୁନ୍ଦରଗଡ଼ ଓ ଟିଟିଲାଗଡ଼ରେ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଛି ।

ଅପରପକ୍ଷରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ ଓ ଖୋର୍ଦ୍ଧା ସମେତ ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

***Desk***

# କଳିଙ୍ଗ ସୁପର କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜି ଅପରାହ୍ଣ ସାଢ଼େ ୪ଟାରେ ଖେଳାଯାଇଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଗୋଆ ଏଫ୍‌ସି ବିଜୟୀ ହୋଇଛି । ଗୋକୁଲମ୍ କେରଳ ଏଫ୍‌ସିକୁ ଗୋଆ ଦଳ ୩-୦ ଗୋଲ୍‌ରେ ପରାସ୍ତ କରିଛି ।

ସେହିପରି ରାତି ୮ଟାରେ ଆରମ୍ଭ ହେବାକୁ ଥିବା ତୃତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ଏଫ୍.ସି’ ଦଳ ପଞ୍ଜାବ ଏଫ୍.ସି.କୁ ଭେଟିବ ।

*****